ନବଗୁଞ୍ଜର ମୂରତି ସିଏ

ରାଧାମୋହନ ଗଡ଼ନାୟକ

Digitized by srujanika@gmail.com

ନବଗୁଞ୍ଜର ମୂରତି ସିଏ

ଲେଖକ :
ରାଧାମୋହନ ଗଡ଼ନାୟକ

ପ୍ରକାଶକ :
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ
ବିନୋଦବିହାରୀ, କଟକ-୨

Digitized by srujanika@gmail.com

ନବଗୁଞ୍ଜର ମୂରତି ସିଏ

ଲେଖକ : ରାଧାମୋହନ ଗଡ଼ନାୟକ

ପ୍ରକାଶକ : ଗଙ୍ଗାଧର ତ୍ରିପାଠୀ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ
ବିନୋଦବିହାରୀ, କଟକ-୨

ପ୍ରଥମ ପ୍ରକାଶ :
୧୯୮୭

ମୁଦ୍ରଣ : ଶ୍ରୀ ନୀଳକଣ୍ଠ ପ୍ରେସ
ବଡ଼ାନାସୀ, କଟକ-୮

ମୂଲ୍ୟ : ଟ ୪-୦୦

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
୧ । ନବଗୁଞ୍ଜର ମୂରତି ହିଏ	୧
୨ । ଭସ୍ମ ଅସୁର ପ୍ରାଏ	୧୪
୩ । ଶିମିଳିଗଛ ଓ ପବନ ଦେବତା	୧୭
୪ । ଶୁଆ ଓ ଦେବଦୂତ	୨୮

Digitized by srujanika@gmail.com

ନବଗୁଞ୍ଜର ମୂରତ ସିଏ...



ନବ ଗୁଞ୍ଜର ମୂରତ ସିଏ,
ଜଗତରେ କାହିଁ ତା'ର ତୁଳ ?

କୁକୁଡ଼ା ମୁଣ୍ଡ,
ମୟୂର କଣ୍ଠ,
ଷଣ୍ଢ ଚୂଳ,
ସିଂହ କଟି
ନାଗ ସାପ ତାର ଲାଙ୍ଗୁଳଟି ।

ଚାରୋଟି ପାଦ—
ଗୋଟିଏ ହାତୀର
ଗୋଟିଏ ଘୋଡ଼ାର
ଗୋଟିଏ ବାଘର
ଚତୁର୍ଥ ପାଦ ମଣିଷ ହାତ ।

Digitized by srujanika@gmail.com

ଥରେ ଥରେ ପୁଣି ଶୁଂଘୁ ଅଛୁ
ହାତରେ ଅଛୁ ଯେ ବାସନା ଫୁଲ,
ନବ ଗୁଞ୍ଜର ମୂରୁତ ସିଏ
ଜଗତରେ କାହିଁ ତାର ତୁଲ ?

ମଣିଭଦ୍ରାର ପାହାଡ଼ ତଳେ
ବସିଥିଲା ସିଏ,
କିଏ ସେ ବୀର
ଅଦଭୁତ ସେଇ ଜୀବର ପାଦେ
ପ୍ରଣତ ବାଡ଼ିଲା ନୁଆଁଇ ଶିର ।

ଭୂଇଁରୁ ଉଠି ସେ ନୟନ ଭରି
ଦେଖିଲା କୃଷ୍ଣ ଦେଖିଲା ହରି,
"ପ୍ରଭୁ ହେ, ମହାପ୍ରଭୁ ହେ,
ଜୀବନରେ ତୁମେ ସବୁ ହେ ।

ତୁମେ ପରା ତିନି ମୂରୁତ ଧର
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ।
ପ୍ରଥମରେ ତୁମେ ସୃଷ୍ଟିକାର,
ଦ୍ୱିତୀୟରେ ତୁମେ ସୃଷ୍ଟିପାଳ ।

—ଦୁଇ—

Digitized by srujanika@gmail.com

ତୃତୀୟ ରୂପରେ ହେ ଭଗବାନ
ସୃଷ୍ଟିରେ ପୁଣି ପ୍ରଳୟ ଆଣ ।
ସେମିତ ଥରେ
ସୃଷ୍ଟି ତୁମର ବୁଡ଼ି ରହିଥିଲା
ପ୍ରଳୟ ଜଳେ ।

ସେତେବେଳ ମୀନ ମୂରତ ଧରି
ଆସିଥିଲ ତୁମେ ହେ ଦେବ ହରି ।

ସାତ ଜଣ ଋଷି
କେତେ ଜଣ ରାଜା
ମନୁ
କେତେକ ପ୍ରାଣୀ
ସୃଷ୍ଟି ହାତରେ ରଖିଲ ଆଣି ।

ତପ କରି ମନୁ ରାଜନ ତହୁଁ
ସରଜନା କଲେ ସପନ ବହୁ,
ମଣିଷ ଜାତର ଗିଆନ ପାଇଁ
ବେଦ ଶୁଣାଇଲେ ବ୍ରହ୍ମା
ସୃଷ୍ଟି ସାଇଁ ।

—ତିନି—

Digitized by srujanika@gmail.com

ବେଦ ନେଇ ଯାଇ ଶଂଖାସୁର
ଦରିଆ ଭିତରେ କରିଲ ପୁର ।
ତାହାକୁ ମାରି,
ବେଦ ଉଦ୍ଧାର
କଲ କାଲ କାଲ
ଆହେ ପ୍ରଭୁ ମୀନ ଶରୀରଧାରୀ ।

୨

ବରୁଣ ଦେବତା ପୁରରେ ନିଜ
ରଖିଥିଲେ ବହୁ ଅତୁଲ ଚଜ ।
ଦେବତାବୃନ୍ଦ, ଅସୁର ଦଳ
ମନ୍ଥନ କଲେ ଦରିଆ ଜଳ ।
ମନ୍ଦର ଗିରି ହୋଇଲା ଖୁଆ
ବାସୁକୀ ହୋଇଲା
କୂର୍ମ ରୂପରେ ତୁମେ ହେ ହରି
ପିଠିରେ ଧଇଲ ମହାନ୍ ଗିରି ।
ଅମୃତ ତହୁଁ ହୋଇଲା ଜାତ
ଦେବତାଙ୍କରେ ଦେଲ ଜଗତନାଥ ।
ବିଷ ତହୁଁ ଯେବେ ହୋଇଲା ଜାତ
ଶିବ ହୋଇ ତୁମେ ଜଗତ ତାତ

—ଘୂରି—

Digitized by srujanika@gmail.com

ଆମେ ତାହା ପିଇ ହେ ପ୍ରଭୁ
ରକ୍ଷା କରିଲ ସୃଷ୍ଟି ସବୁ ।

ଯେଉଁ ରୂପେ ତୁମେ ଧ୍ୱଂସ ଆଣ
ସେଇ ରୂପେ ରଖ ଜଗତ ପ୍ରାଣ ।
ଏ ଥରକ ଛାଡ଼ ଆହୁର ଥରେ
ପୃଥ୍ୱୀ ବୁଡ଼ିଲା ପ୍ରଳୟ ଜଳେ ।
ହିରଣ୍ୟାକ୍ଷ ଅସୁର ଏକ
ଧରିଲା ପୃଥ୍ୱୀ ଦେବୀର ବେକ ।
ଅଟକାଇ ଦେଲା ଜଳର ତଳେ
ସଭିଏ ଡାକିଲେ କାତର ସ୍ୱରେ ।
ବରାହ ରୂପରେ ଆସିଲ ପୁଣି
ଅସୁର ଦାଉରୁ ରଖିଲ ଭୂମି ।
ଦନ୍ତ ଶିଖରେ ଧରିଲ ଧରା
ଜଗତ ରକ୍ଷା କରିଲ ପରା ।

୪

ହିରଣ୍ୟାସୁର ବଷ୍ଣୁ ଦ୍ରୋହୀ
ପୁଅ ଉପରେ ରୁଷ୍ଟ ହୋଇ

Digitized by srujanika@gmail.com

କେତେ ଯେ କଲା ଅତ୍ୟାଚାର
ଜଗତରେ ନାହିଁ କଳନା ତାର ।

ପୁଅ ତାହାର ବାଳୁତ ପିଲା,
ସଞ୍ଜ ସକାଳେ
ତୁମର ପୂଜାରେ
ବିଭୋର ଥିଲା ।

ପିତା କଲା ବାଦ—
"ଆରେ ପ୍ରହ୍ଲାଦ,
ବିଷ୍ଣୁର ପୂଜା କର୍‌ନା ଆଉ ।"

ପୁଅ କହଲା—
"ବିଷ୍ଣୁ ମୋ ପ୍ରଭୁ,
ଛାଡ଼ିବନି ତାଙ୍କୁ ଜୀବନ ଯାଉ ।"
"ଦେଖାଇଲୁ ତୋର ବିଷ୍ଣୁ କାହିଁ ?"
"ଏଇ ଖମ୍ବରେ ତାହାଙ୍କୁ ପାଇ ।"

ପଦାଘାତ କଲା ଅସୁର ତହୁଁ,
ତହିଁରୁ ବାହାର ହୋଇଲେ ପ୍ରଭୁ ।

— ଛଅ—

Digitized by srujanika@gmail.com

ନରସିଂହର ମୂର୍ତ୍ତି ଧରି
ହିରଣ୍ୟ କରେ ଦଫାଲ କରି
ଚିହ୍ନୁଁ ଚିହ୍ନୁଁ ତାକୁ କରିଲ ବଧ
ପୁଅକୁ ଦେଲ ଇନ୍ଦ୍ରପଦ ।

ପ୍ରହ୍ଲାଦ ତୁମ ଭକତ ବର
ତାଙ୍କୁ କରିଦେଲ ଅଜାଂବର ।
ବଳି ରାଜା ଥିଲା ତାହାର ନାତି
ଦାନ କଲା ବସି ଦିବସ ରାତି ।

"ଯେ ଯାହା ମାଗିବ, ମୁ ଦେବି ତାହା,
କହୁଅଛି ମୁହିଁ ରାଇଜ ନାହା ।"

ତୁମ ଛଡ଼ା ଭଲା କେ ଅଛି ପ୍ରଭୁ ?
ଦେଇ ପାରିବଟି ମାଗିଲେ ସବୁ ।
ବଡ଼ିମା ତାହାର ସହିଲ ନାହିଁ
ତିନି ପାଦ ଭୂଇଁ ମାଗିଲ ଯାଇ ।
"ଦେଇ ପାରିବକି ?
ପଚାରିଲ ତୁମେ ଜଗତସାଇଁ ।

ନୃପତି ବୋଇଲା—
"ସତ୍ୟ କରିବି
ଏଇଥି ପାଇଁ ।"

Digitized by srujanika@gmail.com

ପାଦକରେ ନେଲ ଗୋଟାକ ଧରା
ଆର ପାଦେ ନେଲ ଆକାଶସାରା,

ପଚାରିଲେ ପୁଣି—
"ତୃତୀୟ ପାଦକୁ କଅଣ ଦେବ ?"

ମଥା ପାତ ଦେଇ
ବୋଲଇ ରାଜା
"ନାଥ କୁ ଦେଉଚି, ନିଅ ହେ ଦେବ !"

ତୃତୀୟ ପାଦରେ ଚାପିଲ ତାରେ
ରଖିଦେଲ ନେଇ ପାତାଳପୁରେ ।
ବଢ଼େଇ କରେ ଯେ ଜଗତ ଭୂମେ
ବୁଡ଼େଇ ଦିଅ ତ ତାହାକୁ ତୁମେ ।

ମହାରାଣୀ ତାର ବିନ୍ଧ୍ୟାବଳୀ
ଗୁହାରି କରିଲା ଚରଣ ଧରି ।
"ଦଣ୍ଡିଲ ପ୍ରଭୁ ତାକୁ ଯେବେ
ସତ୍ୟ ପୁଣି ତ ପାଳିଲେ ସିଏ,
ସେଥିକୁ କଅଣ ପାଇବେ ତେବେ ?"

ପାତାଳପୁରରୁ ବଳରେ ଆଣି
ଇନ୍ଦ୍ର ପଦରେ ଥୋଇଲ ଜାଣି ।

—ଆଠ—

Digitized by srujanika@gmail.com

୬

ମଣିଷ ପାଇଁ କି ମମତା ଛାଡ଼ି
ରାଜାମାନେ ହେଲେ କ୍ଷମତାଶାଳୀ ।
ମହୀରେ ସେମାନେ କ୍ଷତ୍ରୀକୁଳ
ଜାଳିଲେ ନରୀହ ପରଜା ପୁର ।
ଯେତେବେଳେ ଦେଖି ସେ ଉତପାତ,
ଋଷି ଘରେ ତୁମେ ହୋଇଲ ଜାତ ।
ବ୍ରାହ୍ମଣ କୁଳ ବୃତ୍ତି ଛାଡ଼ି
ତୁମେ ହେଲ ରାମ ପରଶୁଧାରୀ ।

ଘରେ ଘରେ ତୁମେ ପରଶୁରାମ
ହରିଲ ବହୁତ କ୍ଷତ୍ରୀ ପ୍ରାଣ ।
ପୁଣି ଯେତେବେଳେ ଗର୍ବ କରି
ଦର୍ପରେ ତୁମେ ଘୂରିଲ ହରି ।

ତୁମେ ତ ତୁମକୁ ସହିଲ ନାହିଁ,
ରାମ ରୂପେ ଆସି ଜଗତ ପାଇଁ
ଗର୍ବ ଖର୍ବ କରିଲ ଖରେ
ଶାନ୍ତି ଆଣିଲ ସୃଷ୍ଟି ପରେ ।

—ନଅ—

Digitized by srujanika@gmail.com

ରାବଣ ଅସୁର ଦୁର୍ନିବାର
କରନ୍ତି ବହୁତ ଅତ୍ୟାଚାର,
ବିମାତା କଥାରେ
ପିତା ଆଜ୍ଞାରେ
ଉଛତ ମନେ
ରାଇଜ ଛାଡ଼ି ତ ଚାଲିଲ ବନେ ।

ପତ୍ନୀ ତୁମର ନରହ ପୁରେ
ବଣକୁ ଚାଲିଲେ ତୁମର ତୁଲେ ।
ବନସ୍ତ ପଥେ ହୋଇଲେ ସାଥୀ
ସୁଖରେ ରହିଲେ ଦିବସ ରାତି ।

ଭରତ ଡାକିଲେ ବଣକୁ ଯାଇ—
"ତୁମେ ରାଜା ହେବ, ଚାଲ ହେ ଭାଇ ।"

"ଚଉଦ ବରଷ ତୋ ଅଧିକାର
ଫେରି ଯାଇ ତୋର ରାଇଜ ପାଳ ।"

"ପାଦୁକା ତୁମର ଦିଅ ହେ ଭାଇ,
ରାଇଜକୁ ହେବେ ଫେରିବ ନାହିଁ ।

—ଦଶ—

Digitized by srujanika@gmail.com

ସିଂହାସନରେ ପାଦୁକା ଥୋଇ
ଶାସିବ ପାଳିବ ସେବକ ହୋଇ ।"

ଭାଇ ଓ ଭାରିଜା ସଂଗତରେ
ସୁଖରେ ରହିଲେ ବନସ୍ତରେ ।

ଦାନବର ପୁଣି କଅଣ ହେଲା
ଗହନ ବାସୀ
ସ୍ତ୍ରୀକି ତୁମର ଚୋରାଇ ନେଲା
ରାବଣ ଆସି ।

ଶେଷକୁ ତାହାକୁ ଘୋର ଯୁଦ୍ଧରେ
ହତ୍ୟା କରି

ସତୀରେ ତୁମର ଉଦ୍ଧାର କଲ
ହେ ଦେବ ହରି ।

ପରଜା କୁଳରେ ତୋଷିବା ପାଇଁ
ପତ୍ନୀରେ ପୁଣି ହେ ରଘୁସାଇଁ
ପେଷିଲ ବନେ,

କୀରତି ତୁମର ରାମ ରାଜ୍ୟର
ଗାଇଲେ ଜନେ ।

—ଏଗାର—

Digitized by srujanika@gmail.com

କଂସ ସିମିତ ନିର୍ବିଗ୍ନର
କରିଲା ଅନେକ ଅତ୍ୟାଚାର
ସିଂହାସନରୁ ପିତାରେ ତଡ଼ି
ରାଇଜ ଶାସିଲା ଦଣ୍ଡ ଧରି ।
ମାମୁଁ ବୋଲି ତାକୁ ଛାଡ଼ିଲ ନାହିଁ
ମାରିଲ ତାହାକୁ ଜଗତ ସାଇଁ ।
ଅଜା ହାତେ ଦେଲ ଶାସନ ପୁଣି
ଧର୍ମର ମାନ ମନରେ ଗୁଣି ।

ଆଠ ଆଠ ଥର ମରତ ଭୂମେ
ଅବତାର ଧରି ଆସିଚ ତୁମେ ।
ନବଗୁଞ୍ଜର ମୂରୁତ ଧରି
ଦେଖା ଦେଇଅଛ ହେ ଦେବ ହରି ।

ପାର୍ଥ କି ଆଜ ଜଗତ ସାଇ
ତୁମକୁ ଚହ୍ନି ପାରିବ ନାହିଁ ?
ମାୟାଧର ଏବେ ଏ ମାୟା ଛାଡ଼
ପ୍ରକୃତ ତୁମ ସ୍ୱରୂପ ବାଢ଼ ।"

—ବାଗ—

Digitized by srujanika@gmail.com

ଆଖି ବୁଜି ଦେଇ ପାର୍ଥ ତହୁଁ
ବୋଇଲେ "ଧନ୍ୟ ହୋଇଲି ପ୍ରଭୁ ।"
ଦେଖିଲେ ଆଗରେ କୃଷ୍ଣ ଉଭା
ଦ୍ୱାରକାର ରାଜା ତରୁଣ ଯୁବା ।
ପାଦରେ ପାର୍ଥ ଲୋଟିଲେ ଯହୁଁ
ବୁକେ ତୋଳି ନେଲେ ଜଗତ ପ୍ରଭୁ ।
"ପ୍ରାଣର ମୋ ସଖା ପାର୍ଥ ତୁହି
ତୋହର ନିକଟେ ବନ୍ଧା ମୁହିଁ ।"

●

Digitized by srujanika@gmail.com

ଭସ୍ମ ଅସୁର ପ୍ରାଏ

"ଯୋଗ ଛାଡ଼ ଦେ' ଭସ୍ମ ଅସୁର
ଯୋଗ ଏବେ ଶେଷ କର,
ତୁମର ଉପରେ ତୃପ୍ତ ମୁଁ ଏବେ
ମନ ଜାଣି ମାଗ ବର ।"

"ତୃପ୍ତ ଯଦବା, ଏଇ ବର ନଅ
ଆହେ ଦେବ ଦେବ ଶିବ,
ଯାହାର ମଥାରେ ହାତ ଦେବ ମୁହିଁ
ଭସ୍ମ ସେ ହୋଇଯିବ ।"

Digitized by srujanika@gmail.com

"ହଁ" ବୋଲି ଦେଇ ବାହାରିଲେ ଶିବ
ଅସୁର ଦେଖିଲା ବାଗ—
"ଠିଆ ହୁଅ ପ୍ରଭୁ, ତୁମର ମଥାରେ
ପରଖିବ ମୁହିଁ ଆଗ ।"

ଭୟେ ଥର ଥର ଧଉଡ଼ିଲେ ଶିବ
ଉତ୍ତର ନକରି ଆଉ,
ପଛରୁ ଅସୁର ଦଉଡ଼ିଲା ଖରେ
ବଢ଼ାଇ ତାହାର ବାହୁ ।

ଧଇଁସଇଁ ହୋଇ ଶେଷେ ମହାଦେବ
ମିଳିଲେ ବିଷ୍ଣୁ ପାଶେ,
ସବୁ କଥା ବୁଝି ବିଷ୍ଣୁ ଚତୁରେ
ବୋଇଲେ ସୁଆଗ ଭାଷେ ।

"ବୃଥାରେ କାହିଁକି ଧାଉଁଅଛ ଏତେ
ବଢ଼ିବାକୁ ତୁମ ବର
ଆପଣା ମଥାରେ ପରଖ କାହିଁକି
କରୁନାହଁ ବୀରବର ?

—ପନ୍ଦର—

Digitized by srujanika@gmail.com

ଆଖିର ପଲକେ ଅଜାଣତେ ହାତ
ଉଠିଗଲା ମଥା ପରେ
ଗୃହ୍ମ ଗୃହ୍ମ ସାରା ଦେହ ଜଳଗଲା
ଭସ୍ମ ହୋଇଲା ଖରେ ।

ଉପକାରୀର ଯେ
ଧର୍ମ ନ ବୁଝି
ଅଣ ଉପକାରେ ଯାଏ,
ବୁଝଆରେ ସିଏ
ନିଜେ ଶେଷ ହୁଏ
ଭସ୍ମ ଅସୁର ପ୍ରାଏ ।

●

—ଷୋହଳ—

Digitized by srujanika@gmail.com

କେଡ଼େ ଉଞ୍ଚା ସେ ଶିମିଳି ଗଛ
ବିନ୍ଧ୍ୟ-ଗିରି ପାଦେ,
ଛିଡ଼ା ହୋଇଥିଲା ମୁଣ୍ଡ ଟେକି
ମନର ଆହ୍ଲାଦେ ।
କାହୁଁ ଆସି ଦିନେ ନାରଦ ମୁନି
ବସିଲେ ତାର ମୂଳେ
ଆଦରେ ବୋଇଲେ, "ଶିମିଳି ଗଛ
ଭାଗ୍ୟବାନ ତୁ ରେ ।
କେଡ଼କି ବଡ଼ ତୋ କାଣ୍ଡ ତୋର
କେଡ଼କି ତୋର ଡାଳ
କେତେ ଯେ ବୋହୁଚୁ ଫୁଲ ଓ ଫଳ,
ପତର ମାଳ ମାଳ ।

Digitized by srujanika@gmail.com

ତୋହର ମୂଳରେ ଆରାମ କରେ
ବଣରୁ ଆସି ହାତୀ
ତୋହର ମୂଳରେ ମିରଗ ଖେଳେ
ଧର ସାଙ୍ଗସାଥୀ ।

ତୋହର ଡାଳରେ ଖୁସିରେ ବସି
ଗାବଇ ଶାରୀ ଶୁଆ
ତୋହର ଡାଳରେ ଖେଳଇ ପାତ
କୋଳରେ ଧର ଛୁଆ ।

ଥକା ହୋଇଗଲେ ବାଟୋଇ ଲୋକ
ବସଇ ତୋର ମୂଳେ
ଘର କଥା ତାର ମନରେ ଭାଳେ
ଘର ଯେ ବହୁ ଦୂରେ ।

ଦେଖୁ ଅଛୁ ଆରେ ଶିମିଳି ଗଛ
ଭାଗ୍ୟବାନ ତୁହି,
ତୋହର ଜନମ ଜୀବନ ଦେଖି
ଭାରି ଖୁସି ମୁହିଁ ।”

Digitized by srujanika@gmail.com

ହରଷରେ ତହୁଁ ଶିମିଳି ଗଛ
କହଇ—"ମହାମନା,
ମୁନି ହେ ତୁମର ଆଶୀର୍ବାଦ
ଭାଗ୍ୟ ମୋର ସିନା ।"

"ମୋହର ନୁହଇ ଆଶୀର୍ବାଦ
ଶିମିଳି ଗଛ ଆରେ,
ଭାବୁଅଛୁ ମୁହିଁ, କହୁଚୁ ତୁହି
ଶିଷ୍ଟ ବ୍ୟବହାରେ ।

ପାଉଅଛୁ ତୁହି ଆଶୀର୍ବାଦ
ପବନ ଦେବତାର
ସେଇଥି ସକାଶେ ପାଉଚୁ ତୁହି
ବହୁତ ଉପକାର ।

କାହୁଁ କାହୁଁ ମେଘ ଉଡ଼ାଇ ଆଣି
ବରଷା କରୁ ଅଛୁ,
ତତଲା, ଶୁଖିଲା ଦେହରେ ତୋର
ଶକତ ଭରୁଅଛୁ ।

--ଉଣେଇଶି—

Digitized by srujanika@gmail.com

ସେଥିପାଇଁ ତୋର ବହୁତ ଡାଳ
ପତର ଫୁଲ ଫଳ
ଆକାଶ ସୀମାକୁ ତୋଳିଛୁ ମଥା,
ହୋଇଛୁ ମନୋହର ।"

ପବନ ସେ ଏକ ବନ୍ଧୁ ମୋର
ଜାଣନା ମହାଋଷି,
ତା ସାଥିରେ ମୋର ବନ୍ଧୁ ଭାବ
ଯେତିକି ମନ ଖୁସି ।

ଭାଗ୍ୟ ବିଧାତା ନୁହେ ସେ ମୋର
ଆଜି ଏ ଧରା ତଳେ
ଦୁନିଆ ଭିତରେ ଦମ୍ଭ ଧରି
ଅଛି ମୁଁ ନିଜ ବଳେ ।"

"ପୃଥିବୀରେ ସବୁ ଜୀବଙ୍କର
ପବନ ପରା ପ୍ରାଣ
ପବନ ଆମର ସୃଷ୍ଟି ପରେ
ମହାନ୍ ବଳବାନ୍ ।

—କୋଡ଼ିଏ—

Digitized by srujanika@gmail.com

ଶିମିଳି ଗଛରେ ମୋହର ଆଗେ
ବଢ଼ିମା କର ନାହିଁ,
ପବନ ଦେବତା ଶକ୍ତି କଥା
ଜାଣିବୁ ଅବା କାହିଁ ?

ଦେଖୁନାହୁଁ ଏଇ ତୋହର ଆଗେ
ଭାଜିଚ ଗଛ ମାନ,
ଉପୁଡ଼ି ପଡ଼ିଚ ଆମ୍ବର କେତେ
ମନରେ ଟିକେ ଆଣ ।

ଅଳପ ଦୂରରେ କେତେ ଯେ ଘର
ଛୁଇଁଚ ମାଟି ଭୁଇଁ
ପବନ କେଡ଼ିକ ଶକ୍ତିଧର
ବର୍ଣ୍ଣିରୁ ନାହୁଁ ତୁହି ।

ଜଗତ ଜାଣଇ ପ୍ରତାପ କେତେ
ପବନ ଦେବତାର
କେଡ଼ିକ ପ୍ରତାପୀ ସିଏ ରେ ସିଏ
କେଡ଼ିକ ବଳୀୟାର ! !

—ଏକୋଇଶି -

Digitized by srujanika@gmail.com

ହସି ହସି ତହୁଁ ଶିମିଳ କହେ—
"ଭର୍ଗି ନାହିଁ ମୁହିଁ,
ଜାଣି ପାରୁନାହିଁ ପ୍ରତାପ ତାର
ପାରନ୍ତ ମତେ ଛୁଇଁ ।"

"ବହୁତ ବଡ଼େଇ କରୁଚୁ ତୁହି
ଶିମିଳ ଗଛ ଆରେ,
କହିଲ୍ କଅଣ ହେବ ତୋ ଦଶା
ଜାଣିବେ ଯଦ୍ଧ କାଳେ ।"

"ଦେବତା ତୁମର ପାରବେ ଜାଣି,
କହିବ ତୁମେ ଯାଇ,
କଅଣ ସେ ଭଲ୍ କରବେ ମୋର
ଶଂକା ମୋର ନାହିଁ ।"

"କିଏ ବଡ଼, କିଏ ସାନ ରେ ତୁହି
ମାନିଲ୍ ନାହିଁ ଯେବେ
କହିବା ମୋର ଭୁଲ ନୁହେ,
କହିବ ଯାଇ ଏବେ ।"

--ବାଇଶି--

Digitized by srujanika@gmail.com

ସେ ଯାଗାରୁ ଯାଇ ସକଳ କଥା
କହିଲେ ମହାମୁନି
ପବନ ଦେବତା କହିଲେ "ହୁଁ"
ସିମିଳି କଥା ଶୁଣି ।

ହଠାତ୍ ସେ ଗିରି କନ୍ଦରରୁ
ଉଠିଲା ଗରଜନ,
ଗଛ ବୃଛ ସବୁ କଂପିଗଲା
ଶୁଭିଲା ସନ ସନ ।

କେତେ କେତେ ଗଛ ଭାଙ୍ଗି ଯାଇ
ଭୂଇଁରେ ଗଲେ ଶୋଇ
କେତେ କେତେ ଦୂରେ ପଡ଼ିଲେ ଯାଇ
ଛିନ୍ନ-ମୂଳ ହୋଇ ।

ଶିମିଳି ଗଛ ତ ଗର୍ବ ଭରେ
ଦେଖାଉଥିଲା ତାଣ
ଆଖି ପିଛୁଡ଼ାକେ ଭାଙ୍ଗିଗଲା
ତାହାର ଡାଳମାନ ।

—ତେଇଶି—

ଶିମିଳ ଏଲାଗେ ପାରିଲା ବୁଝି
ପ୍ରତାପ ଇଏ କା'ର
କିଏ ସେ ଧରାରେ ଶକ୍ତିଧର,
କିଏ ସେ ବଳୀୟାର ?

ବିକଳ ହୋଇ ସେ ଛାଡ଼ିଲା ଡାକ
ବିଜନ ସେଇ ପଥେ,
"ପବନ ଦେବତା, ରକ୍ଷା କର,
ରକ୍ଷା କର ମତେ ।

ଆପେ ଆପେ ପ୍ରଭୁ ତୁମକୁ ମୁହିଁ
ତୁମକୁ ଅପମାନ,
ଆପେ ଆପେ ପ୍ରଭୁ ଆଣିଛ ଡାକି
ବିପଦ ଦୁଖମାନ ।

ପବନ ଦେବତା, ଆଶାରି ତୁମେ
ତୁମେଇ ମୋର ପ୍ରଭୁ,
ଦେବତା ହେ ତୁମେ କଅଣ ମୋର
ବୁଝୁଚି ଏବେ ସବୁ ।

—ଚବିଶି—

Digitized by srujanika@gmail.com

ଏଇଥର ତୁମେ ରକ୍ଷା କର
ମହାପ୍ରଭୁ ଆହେ,
ଇମିତ ବୁଦ୍ଧି କରିବ ନାହିଁ
ଜୀବନ ଥିବା ଯାଏ ।”

ପବନ ଦେବତା ଛାଡ଼ିଲେ ଡାକ—
“ଶିମିଳି ଗଛ ଆରେ,
ବୁଦ୍ଧି ଏଇନେ ଆସିଲା ତୋର
ଥିଲା ରେ କେଉଁ ଆଡ଼େ ?

ସମୂଳେ ଧ୍ୱଂସ କରିବ ତତେ
ଦେବ ରେ ଉଚିତ ଟାଳି,
ମହାଋଷି—ଆଗେ ଦେଖାଉଥିଲୁ
ଦମାକ ତୋର ଖାଲି !

ସେଇଠି ସେଇନେ ପହଂଚିଲେ
ନାରଦ ମହାମୁନି
“ପବନ ଦେବତା ଶାନ୍ତ ହୁଅ
ଟିକିଏ ହୁଅ ତୁନି ।

—ପଚାଶ—

Digitized by srujanika@gmail.com

ଭୁଲ କରିଦେଇ ଶେଷକୁ ଏବେ
ମାଗୁଚ ପର ଦୋଷ,
କ୍ଷମା କର ତାକୁ କର ହେ କ୍ଷମା,
କାହିଁକି ଆଉ ରୋଷ ?"

ପବନ ଦେବତା ଧୀର ସ୍ଥିର
ହୋଇଲେ ତାହା ଶୁଣି,
ଶାନ୍ତ ଶାନ୍ତ ଉଚ୍ଚାରିଲେ
ନାରଦ ମହାମୁନି ।

ମିନତି କରିଲା ଶିମିଳି ଗଛ
ଧୀର ସ୍ଥିର ହୋଇ
କ୍ଷୁଦ୍ର ଦୀନ ମୁଁ ଭୁଲ୍ କରି
ହୋଇଲି ପ୍ରଭୁଦ୍ରୋହୀ ।

ତୁମରି କଥା ମୁଁ ଭାବିଲି ନାହିଁ,
ପାଇଲି ତାର ଫଳ
ତୁମେଇ ମହାନ୍ ହେ ମହାମୁନି
ଦୀନକୁ କ୍ଷମା କର ।"

—ଛବିଶି—

Digitized by srujanika@gmail.com

ପବନ ଦେବତା ନାରଦ ମୁନି,
ଧଇଲେ ନିଜ ପଥ,
"ଶିମିଳ କହିଲା ତୁମରି ପାଇ
ରହିବ ମୁହିଁ ନତ ।"

●

ସତେଇଶି—

Digitized by srujanika@gmail.com

ଶୁଆ ଓ ଦେବଦୂତ

୧

କାଶୀ ରାଜ୍ୟର ସାନ୍ଦ୍ର ଗହନ
ବନଭାଗେ
ଶାଳ ତରୁଟିରେ ଶୁଆଟିଏ ବସି
ଅନୁରାଗେ
ଶାନ୍ତିର ଧନ
ସୁଖର ସପନ
କେତେ ଦେଖୁଥିଲା ଆଖିଆଗେ ।

୨

ଦିନକର କଥା ଲୁବ୍ଧକ କରେ
ଧନୁ ଧରି
ପଳାୟିତ ଏକ ତ୍ରସ୍ତ ହରିଣ
ଅନୁସରି ।

—ଅଠେଇଶି—

Digitized by srujanika@gmail.com

ବିଷଜର୍ଜରି
ଖର ଏକ ଶର
ଛାଡ଼ି ଦେଲା କାଳ ନାଗ ପରି ।

୩

ଲକ୍ଷ୍ୟ ହରାଇ ଶରଟି ଇଆଡ଼େ
ଲଖି ଯାଉଁ
ବିଷର ଦହନେ ମରି ଗଲା ତରୁ
ଗୁହୁଁ ଗୁହୁଁ ।
ଉଭିଗଲା ତାର
ଶିରୀ ସମ୍ଭାର,
ଶୁଖି ଗଲା ତାର ସବୁ ବାହୁ ।

୪

ଦୁଃଖେ ଶୁଆଟି ଛୁଇଁଲା ନ ଆଉ
ପାନାହାର
କାତର କୂଦନେ ଢାଳିଲା ବୁକୁର
ହାହାକାର ।
ଡାଳରୁ ମୂଳକୁ
ମୂଳରୁ ଡାଳକୁ
ଘୂରି ହେଲା ଖାଲି ବାରବାର ।

— ଅଣତରଣି —

Digitized by srujanika@gmail.com

୫

ଆଉ ଦିନକର ପାନ୍ଥ ସେ ଏକ
ପରବାସୀ
ପଥେ ଯାଉଁ ଯାଉଁ ଛିଡ଼ା ହୋଇଗଲା
ତହିଁ ଆସି ।
"ଅବୋଧ ଶୁଆ ରେ
ଶୂନ୍ୟ ଦୁଆରେ
କହ ତୁହି କେଉଁ ସୁଖ-ଆଶୀ ?

୬

ଶୁଷ୍କ ହେଲାଣି ପ୍ରିୟତମ ତୋର
ଏଇ ଶାଳ,
ପତ୍ରବିହୀନ ହେଲାଣି ରେ ପୁଣି
ସବୁ ଡାଳ ।
ଚାଲି ଯାଉ ନାହୁଁ,
କି ଭାବୁଚୁ ଆଉ ?
ଶକ୍ତି ନାହିଁ କି ଉଡ଼ିବାର ?"

୭

"ଉଡ଼ିଯିବା ପାଇଁ ଶକ୍ତି ଅଛି ମୋ
ପକ୍ଷରେ
କାହିଁ ଉଡ଼ିଯିବ ଜୀବନର କେଉଁ
ଲକ୍ଷ୍ୟରେ ?

— ତରଣି —

Digitized by srujanika@gmail.com

ମୋର ଏଇ ବାସ
ହେଲା ଯେବେ ନାଶ
କହ ଯିବି କେଉଁ କକ୍ଷରେ ?

୮

ବିପଦ ପଡ଼ିଲା ବୋଲି ଏଇ ମୋର
ତରୁବାସେ
କେଉଁ ପଣ ଆଜ ଉଡ଼ିଯିବ ଭଲା
କେଉଁ ଆଶେ ?
ଆନ ପୁର ପାଇଁ
ହେବ କି ଆଶାୟୀ ?
ଗଲେ ଯାଉ ପ୍ରାଣ ଉପବାସେ ।"

୯

ରୂପ ବଦଳାଇ ପାନ୍ଥ କହେ, "ମୁଁ,
ଦେବଦୂତ,
ଅଦଭୁତ ଆଜ ଦେଖି ତୋର ମୁହଁ
ଅଦଭୂତ ।
ତୋର ଏ ତରୁରେ
ଶୁଷ୍କ ମରୁରେ
ସିଞ୍ଚ_ଦେଉଚ ଅମୃତ ।"

—ଏକତାରଣୀ—

Digitized by srujanika@gmail.com

ଶାଳତରୁ ପୁଣି ଜୀବନ ପାଇଲା

ପଲକରେ,

ପତ୍ର କୁସୁମ ଫଳେ ମଣ୍ଡିତ

ପୁଲକରେ ।

ଶୁଆଟି ଦେଖିଲା

ଅଦଭୁତ ଲୀଳା

ପୁଣ୍ୟ ଫଳର ଝଲକରେ ।

●

—ଭଉଣି—

Digitized by srujanika@gmail.com